**୮ ପଜିଟିଭ ଚିହ୍ନଟ ଘରକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା**

ପାଟଣା ,( ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ସ୍ୱାମ ଶାସନରେ ଗୋଟିଏ ପରିବାରରୁ ୮ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ଗୁରୁବାର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ନାଏକ ଉକ୍ତ ପ୍ଲଟକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଭାବେ ଘଷଣା କରିଛନ୍ତି। ଏପ୍ରିଲ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ଉକ୍ତ ଘରକୁ କଣ୍ଟେନମେଣ୍ଟ ଭାବେ ରହିବା ପାଇଁ ନିର୍ଦ୍ଦେଶ ରହିଛି। ୭୨ ଘଣ୍ଟା ମଧରେ କଣ୍ଟାକ୍ଟ ଟ୍ରେସିଂ ସାରିବାକୁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି।

## ସଂକ୍ଷେପରେ

### ଜଳିଗଲା ୧୨ ବଖରା

କୁଆଁମରା,୧୬।୪(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ପଶୁଦା ପଞ୍ଚାୟତ ବଡ଼ବେଲାକୁଟି ଗ୍ରାମରେ ଶୁକ୍ରବାର ନିଆଁ ଲାଗି ୭ ପରିବାରର ୧୨ ବଖରା ପୋଡ଼ି ଯାଇଛି। ଦ୍ରୌପଦୀ ନାଏକଙ୍କ ୨ ବଖରା, ମଙ୍ଗୁଳି ନାଏକଙ୍କ ୨ ବଖରା, ସରଣ ନାଏକଙ୍କ ଏକ ବଖରା, ବାସୁଦେବ ନାଏକଙ୍କ ୨ ବଖରା, ଲକ୍ଷ୍ମୀ ନାଏକଙ୍କ ୨ ବଖରା, ମନ୍ମଥ ନାଏକଙ୍କ ଏକ ବଖରା ଓ ଭରତ ନାଏକଙ୍କ ୨ବଖରା ନଡ଼ା ଛପର ଘର ଜଳି ଯାଇଛି। ସଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ବଡ଼ସାହି ଅଗ୍ନିଶମ ବିଭାଗର ମୁଖ୍ୟ ସତ୍ୟବାଦୀ ପଲେଇ କହିଛନ୍ତି। ବଡ଼ସାହି ଓ ପୁରୁଣା ବାରିପଦା ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡ଼ି ଯାଇଛି। ବିପନ୍ନ ପରିବାରଗୁଡ଼ିକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହେଉଛି।

### ୫ ମଦବେପାରୀ ଗିରଫ

ରାଇରଙ୍ଗପୁର,୧୬।୪(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅବକାରୀ ବିଭାଗ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫ ମଦବେପାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୪୨ ଲିଟର ଦେଶୀମଦ ଓ ୨ ଲିଟର ୮୮୦ ମି.ଲି ବିଦେଶୀ ମଦ ଜବତ ହୋଇଛି। ଗିରଫ ମଦବେପାରୀମାନେ ହେଲେ ରାଇରଙ୍ଗପୁର ଟାଉନଥାନା ଅଧୀନ ଭରଣ୍ଡିଆ ଗ୍ରାର ରାମ ମହାକୁଡ଼, କଣ୍ଟାବଣି ଗ୍ରାମର ଯମୁନା ଘୁନିଆ, ଗ୍ରାମାଞ୍ଚଳ ଥାନା ଅଧୀନ ବଡ଼ଗାଁ ଗ୍ରାମର ଶୁକ୍ରୁମଣି ନାଏକ, ସାନପାଖଣା ଗ୍ରାମର ଗୋବ୍ରା ଦାସ ଏବଂ ବହଳଦା ଥାନା ଅନ୍ତର୍ଗତ ଡକଡ଼ିହି ଗ୍ରାମର କୁମୁଧର ନାଏକ। ଅବକାରୀ ସର୍କଲ ଇନ୍ସପେକ୍ଟର ବାସନ୍ତୀ ସିର୍କାଙ୍କ ନେତୃତ୍ୱରେ ରାଇରଙ୍ଗପୁର ଅବକାରୀ ଥାନା ଅଧିକାରୀ ହରିହର ସିଂଙ୍କ ସମେତ ଅନ୍ୟ କର୍ମଚାରୀମାନେ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

### ଲକ୍ଷ୍ମୀକାନ୍ତ କଲେଜର ନୂତନ ଶ୍ରେଣୀଗୃହ ଉଦ୍‌ଘାଟିତ

ବାଙ୍ଗିରିପୋଷି,୧୬।୪(ଡି.ଏନ.ଏ.): ଓଡ଼ିଶା ସରକାରଙ୍କ ଭିତ୍ତିଭୂମି ଉନ୍ନୟନ ସହାୟତା ରାଶିରେ ବାଙ୍ଗିରିପୋଷି ସ୍ଥିତ ଲକ୍ଷ୍ମୀକାନ୍ତ କଲେଜ ପରିସରରେ ୩୯ ଲକ୍ଷ ଟଙ୍କା ବ୍ୟୟରେ ଏକ ଶ୍ରେଣୀଗୃହ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ କଲେଜ ଅଧକ୍ଷା ଡ. ପୁଷ୍ପା ପାତ୍ର ସଭାପତିତ୍ୱ କରିଥିଲେ। ଇଂରାଜୀ ବିଭାଗର ମୁଖ୍ୟ ତଥା ପ୍ରାଧାପକ ସତ୍ୟନାରାୟଣ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ମନ୍ତ୍ରୀ ମାରାଣ୍ଡି କଲେଜର ଶୈକ୍ଷିକ ପରିବେଶର ପ୍ରଶଂସା କରିଥିଲେ। କଲେଜର ସ୍ମାର୍ଟ କ୍ଲାସ ରୁମ୍ ଓ କଲେଜ ପ୍ରାଚୀର ପୂର୍ଣ୍ଣାଙ୍ଗ ପାଇଁ ସହାୟତା ପ୍ରଦାନ କରିବେ ବୋଲି ମନ୍ତ୍ରୀ କହିଥିଲେ। ସମ୍ମାନୀତ ଅତିଥି ଭାବେ କଲେଜର ପ୍ରତିଷ୍ଠାତା ଲକ୍ଷ୍ମୀକାନ୍ତ ଦାସ ଓ ବ୍ଲକ ଅଧକ୍ଷ ସୁବୋଧ ମାରାଣ୍ଡି ଯୋଗ ଦେଇଥିଲେ। ଅଧାପକ ପବିତ୍ର ମୋହନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଧୈର୍ଯ୍ୟ ଦିନ ପରେ ବି ଫଳିଲାନି କଦଳୀ

## ଠକାମିର ଶିକାର ହେଲେ ଚାଷୀ

ଚମ୍ପୁଆ, ୧୬।୪(ଡି.ଏନ.ଏ.)

କଦଳୀ ଚାଷ କରନ୍ତୁ। ଏକବର୍ଷ ପରେ ପାଇବେ ଦୁଇଗୁଣ ଅମଳ। ଆପଣ ମାନେ କେବଳ ଜଗାରଖା କରି ପାଣି ସାର ଦେବେ। କଦଳୀ ଫଳିଲେ ଆମେ ଆସି କଦଳୀର ଉଚିତ ମୂଲ୍ୟ ଦେଇ ନେଇଯିବୁ। ଏପରି ପ୍ରତିଶ୍ରୁତି ଦେଇ ଚାଷୀଙ୍କୁ ଏକ କମ୍ପାନୀ କଦଳୀ ଗଛ ଯୋଗାଇ ଦେଇ ପଇସା ନେଇ ପଳାଇଛି। ସମାନ ସମୟରେ ଗଛ ଲଗାଯାଇଥିଲେ ମଧ ଜଣକର ଅଳ୍ପ କଦଳୀ ଫଳୁଥିବା ବେଳେ ଆଉ କେତେଜଣଙ୍କର ଗଛ ବଢୁନାହିଁ କି ଫଳ ଫଳୁନାହିଁ। ଏଥିପାଇଁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି।

ଏପରି ଘଟଣା ଦେଖିବାକୁ ମିଳିଛି ଚମ୍ପୁଆ ଏନଏସିର ଶିରପୁରର ଚାଷୀ ତ୍ରିଲୋଚନ ମହାନ୍ତ ଓ ପାଞ୍ଚପୋଖରିଆ ବନ୍ଧ ସାହିର ଚାଷୀ ତପସ୍ୱିନୀ ମହାନ୍ତଙ୍କ କ୍ଷେତ୍ରରେ। ତପସ୍ୱିନୀଙ୍କୁ ଉକ୍ତ କମ୍ପାନୀ ପକ୍ଷରୁ ୨୦୧୯ ମସିହା ନଭେମ୍ବର ୬ତାରିଖରେ ୧୨୦ଟଙ୍କା ଦରରେ ୧୦୦ କଦଳୀଚାରା ଲଗାଇବାକୁ ଦିଆଯାଇ ତାଙ୍କ ଠାରୁ କମ୍ପାନୀ କର୍ମଚାରୀ ୧୨ହଜାର ଟଙ୍କା ନେଇଥିଲେ। ମାତ୍ର ୧୫ ମାସ ପରେ ଉକ୍ତ ଗଛ ଗୁଡିକରେ ଫଳ ଆସିଥିଲା। ହେଲେ ତାହା ଆଶାନୁରୂପକ ହୋଇ ନ ଥିବା ଉକ୍ତ ଚାଷୀ ଅଭିଯୋଗ କରିଛନ୍ତି। ସେହିପରି ଶୀରପୁର ଅଞ୍ଚଳ ତ୍ରିଲୋଚନ ମହାନ୍ତଙ୍କୁ ୨୦୦ କଦଳୀ ଚାରା ଯୋଗାଇ ଦେଇ କମ୍ପାନୀ ୨୪ ହଜାର ଟଙ୍କା ନେଇଯାଇଥିବା ବେଳେ ଏବେ କଦଳୀ ଗଛ ବଢୁନି କି ବଢିଲା ଗଛରେ ଫଳ ମଧ୍ୟ ଆସୁନାହିଁ। ଏସମ୍ପର୍କରେ ତ୍ରିଲୋଚନ କହିଛନ୍ତି ଆମକୁ ୩ ଗୁଣ ଲାଭର ଆଶା ଦେଖାଇ କମ୍ପାନୀ ଗଛ ଦେଇ ପଇସା ନେବା ପରେ ଦେଖାନାହିଁ କି ଫୋନ



କଦଳୀ ବଗିଚାରେ ଥିବା ଜଣେ ଚାଷୀ।

କଲେ ମଧ ଫୋନ ଉଠାଉନାହାନ୍ତି। ବର୍ତ୍ତମାନ ସୁଦ୍ଧା ଏହି ଗଛର ରକ୍ଷଣା ବେକ୍ଷଣ ବାବଦକୁ ୩୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇସାରିଲାଣି। ମାତ୍ର ଏହା ପାଇବାର ଆଶା ଆମର ମଉଳିଯାଇଛି। ସେହିପରି ଚାଷୀ ହୃଦାନନ୍ଦ ମହାନ୍ତଙ୍କୁ ପଚାରିବାରୁ ୨୦୧୯ ମସିହାରେ ୧୦୦ଟି କଦଳୀ ଗଛ ୧୨ ହଜାର ଟଙ୍କା ଦେଇ କିଣିଥିଲି। ତାହା ପରେ ମଧ୍ୟ ସାର ପାଣି ଲେବର ବାବଦକୁ ୨୦ ହଜାରରୁ ଉର୍ଦ୍ଧ ଖର୍ଚ୍ଚ ହେଲାଣି। କମ୍ପାନୀର ଦେଖା ନାହିଁ। ଜାହା ବି କଦଳୀ ଫଳିଛି ତାହା ୨୦ ରୁ ୩୦ ଟଙ୍କା ଡରଜନ ଦରରେ ବିକ୍ରି କରାଯାଉଛି। ଅନୁମାନ ୧୦ ହଜାର ଟଙ୍କା ମିଳିବ। ତାହାଠୁ ଅଧିକ ମିଳିବାର ସମ୍ଭାବନା ନାହିଁ ବୋଲି କହିଛନ୍ତି।

# ହତ୍ୟା ଉଦ୍ୟମ ମାମଲା: ୨ ଭାଇଙ୍କୁ ୩ ବର୍ଷ ଲେଖାଏ ଜେଲ

ଭଦ୍ରକ ଅଫିସ,୧୬।୪

ଭଦ୍ରକ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦେବଦତ୍ତ ପଟ୍ଟନାୟକ ମରଣାନ୍ତକ ଆକ୍ରମଣ ଓ ହତ୍ୟା ଉଦ୍ୟମ ମାମଲାର ବିଚାର କରି ଦୋଷୀ ତିହିଡ଼ି ଥାନା ଅଧୀନ ବାମନବିନ୍ଧା ଗ୍ରାମର ୨ଭାଇ ସହଦେବ ଦାସ ଓ ଦିବାକର ଦାସଙ୍କୁ ୩ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ ଶୁଣାଣି କରିଛନ୍ତି। ଏଥିସହ ୨ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଆଉ ୬ ମାସ ଜେଲ ଦଣ୍ଡ ଭୋଗିବାକୁ କୋର୍ଟ ରାୟ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ୨୦୦୦ ଜୁନ ୧୪ରେ ଉକ୍ତ ଗ୍ରାମର ଜୀବନ ଦାସ ପୀରହାଟ ବଜାରକୁ ଆସିଥିବା ବେଳେ ପୂର୍ବଶତ୍ରୁତାକୁ ନେଇ ପଡ଼ୋଶୀ ଦୁଇଭାଇ ସହଦେବ ଓ ଦିବାକର ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଧରିବା ପାଇଁ ଉଦ୍ୟମ କରିବା ବେଳେ ସହଦେବ ଖସିଯିବାରେ ସକ୍ଷମ ହୋଇଥିଲେ। ସାନଭାଇ ଦିବାକରଙ୍କୁ କାବୁ କରି ଲୋକେ ପୋଲିସ ଜିମା ଦେଇଥିଲେ। ଜୀବନଙ୍କ ଅଭିଯୋଗ କ୍ରମେ ତିହିଡ଼ି ଥାନାରେ ମାମଲା (ନଂ. ୭୯/୨୦୦୦) ରୁଜୁ ହୋଇଥିଲା। ପରେ ଅଭିଯୁକ୍ତ ସହଦେବଙ୍କୁ ପୋଲିସ ଗିରଫ କରିଥିଲା। ଅଭିଯୁକ୍ତ ଦୁଇଭାଇ ପୂର୍ବରୁ ମଧ ଜମିବାଡ଼ି ମାମଲାକୁ ନେଇ ଆକ୍ରମଣ କରିବା ସହ ତାଙ୍କ ଘରେ ନିଆଁ ଲଗାଇଦେବା ଅଭିଯୋଗରେ ଜେଲରେ ଥିଲେ ବୋଲି ତଦନ୍ତ ବେଳେ ଜଣାପଡ଼ିଥିଲା। ଚାର୍ଜଶିଟ୍ ଦାଖଲ ପରେ ମାମଲାଟି ଭଦ୍ରକ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ବିଚାର ହୋଇ ଏହି ରାୟ ପ୍ରକାଶ ପାଇଛି। ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଜତିକାନ୍ତ ନାୟକ ମାମଲା ପରିଚାଳନା କରିଥିଲେ।

# କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତାରୋକୋ

## ଏସ୍‌ଡିଏମ୍‌ଓଙ୍କୁ ଦୁର୍ବ୍ୟବହାର ଘଟଣା

ସଜନାଗଡ଼,୧୬।୪ (ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ କ୍ୟାବିନ୍ ଗୃହ ଉଦ୍‌ଘାଟନ ଫଳକ ଭଙ୍ଗା ସହ ଏସ୍‌ଡିଏମ୍‌ଓଙ୍କୁ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ଦୁର୍ବ୍ୟବହାର ଘଟଣାରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି କରାଯାଇଥିଲା। ସିପିଆଇ (ଏମ୍) ନୀଳଗିରି ଆଞ୍ଚଳିକ କମିଟି, ନୀଳଗିରି ମେଡିକାଲ ଓମ୍‌ସା ସଂଘ, ନୀଳଗିରି ଉପଖଣ୍ଡ ରକ୍ତଦାତା ସଂଘ ପକ୍ଷରୁ ୭ ଦିନ ପୂର୍ବରୁ ଖବରଦାତା ସମ୍ମିଳନୀ କରାଯାଇ କାର୍ଯ୍ୟାନୁଷ୍ଠାନ ଦାବି ହୋଇଥିଲା। ଗତ ୧୫ ତାରିଖ ସୁଦ୍ଧା ଜଣେ ଅଭିଯୁକ୍ତ ବ୍ୟତୀତ ଅନ୍ୟମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏଣୁ ନୀଳଗିରି ସିପିଆଇ (ଏମ୍) ଆଞ୍ଚଳିକ କମିଟି ପକ୍ଷରୁ ପୂର୍ବ ଘୋଷଣା ମୁତାବକ ୧୯ ନଂ. ରାଜ୍ୟ ରାଜପଥର ନୀଳଗିରି ବାଇପାସ୍ ଛକଠାରେ ଶୁକ୍ରବାର ପୂର୍ବାହ୍ନରୁ ରାସ୍ତାରୋକୋ କରାଯାଇଥିଲା। ନୀଳଗିରି ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନା ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଦାବି ବିଷୟରେ ଆଲୋଚନା କରିଥିଲେ। ଦୁଇଦିନ ମଧରେ ସମସ୍ତ ଦାବି ପୂରଣ ନେଇ ସେ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଜିଲା ସମ୍ପାଦକ ମଣ୍ଡଳୀର ସଭ୍ୟ ବିଜୟ ପାତ୍ର, ଯୋଗାନନ୍ଦ ଦାସ, ପିତାମ୍ବର ମଟ୍ଟୁଆଳ ପ୍ରମୁଖଙ୍କ ନେତୃତ୍ୱରେ ବହୁ କର୍ମକର୍ତ୍ତା ଓ ସାମାଜିକ କର୍ମୀ ରାସ୍ତାରୋକୋରେ ସାମିଲ ଥିଲେ।

ଅନ୍ୟପକ୍ଷେ ଉପଖଣ୍ଡ ଚିକିତ୍ସାଳୟର କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରି ଡ୍ୟୁଟି କରୁଥିବା ବେଳେ ଏସ୍‌ଡିଏମ୍‌ଓଙ୍କ ଅନୁପସ୍ଥିତି ଯୋଗୁ ବିଭିନ୍ନ ଅସୁବିଧା ମୁଣ୍ଡ ଟେକିଲାଣି ବୋଲି କୁହଯାଉଛି।




ସିପିଆଇଏମ୍ ପକ୍ଷରୁ ରାସ୍ତାରୋକୋ କରାଯାଇଛି।

# ସାରଡାଙ୍ଗ ପଞ୍ଚାୟତ ସରପଞ୍ଚ ଉପ ନିର୍ବାଚନ ବନ୍ଦ

ଖଇରା,୧୬।୪(ଡି.ଏନ.ଏ.)

କୋଭିଡ୍ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ନିର୍ବାଚନ କମିଶନ ଆସନ୍ତା ୨୮ ତାରିଖରେ ହେବାକୁ ଥିବା ସମସ୍ତ ଜିଲା ପରିଷଦ, ସରପଞ୍ଚ, ୱାର୍ଡ ସଭ୍ୟାସଭ୍ୟ ନିର୍ବାଚନକୁ ବନ୍ଦ କରି ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରଡାଙ୍ଗ ପଞ୍ଚାୟତ ଉପ ନିର୍ବାଚନକୁ ମଧ ବନ୍ଦ ରଖାଯାଇଛି। ପତ୍ରସଂଖ୍ୟା ୧୩୫୮ ତା.୧୬।୪।୨୧ ରିଖରେ ଜିଲା ତଥା ବ୍ଲକସ୍ତରୀୟ ନିର୍ବାଚନ ଅଧିକାରୀ ଏବଂ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନଙ୍କୁ ଜଣାଇ ଦିଆଯାଇଛି। ଏଥିସହ ନିର୍ବାଚନ ଆଚରଣବିଧିକୁ ପ୍ରତ୍ୟାହାର ମଧ କରାଯାଇଛି। ସାରଡ଼ାଙ୍ଗର ପୂର୍ବତନ ସରପଞ୍ଚ ହରିହର କୁଣ୍ଡୁଙ୍କ ପରଲୋକ ପରେ ଏହି ଆସନ ଖାଲି ପଡ଼ିଥିଲା ।

# ଟ୍ରାଫିକ ଜାମ୍, ଲୋକେ ହଇରାଣ

ଯୋଡ଼ା,୧୬।୪(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳର ଜଡିବାହାଲ-ବାମେବାରୀ ରାସ୍ତାରେ ପ୍ରବଳ ଟ୍ରାଫିକ ଜାମ୍ ଯୋଗୁ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୁକ୍ରବାର ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ପ୍ରାୟ ୫ଟା ପର୍ଯ୍ୟନ୍ତ ଏହି ଜାମ୍ ଲାଗି ରହିଥିଲା। ଏହି ରାସ୍ତାରେ ଖଣିଜ ବୋଝେଇ ଟ୍ରକ ପରିବହନ ଯୋଗୁ ଟ୍ରାଫିକ ସମସ୍ୟା ଉପୁଜୁଥିବା ଜାମ୍‌ରେ ଫଶିଥିବା ଏମ୍‌ଡି ରିଙ୍କୁ, ସୁଜାତା କାରୁଆ, ରୁକ୍ମିଣୀ ପାତ୍ର, ଲିଲି ମହାକୁଡ, ପଦ୍ମିନୀ ବାରିକ ପ୍ରମୁଖ କହିଛନ୍ତି। ଦୈନିକ ଏହି ରାସ୍ତା ଦେଇ ବିଭିନ୍ନ ଖଣି କମ୍ପାନୀ ଗୁଡିକ ନିଜର ଖଣିଜ ପରିବହନ କରୁଛନ୍ତି। ହଜାର ହଜାର ଖଣିଜ ବୋଝେଇ ଟ୍ରକ, ଡମ୍ପର ଓ ଭାରିଯାନ ଚଳାଚଳ କରୁଥିବାରୁ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇ ପଡିଛି। ଯାହା ଦ୍ୱାରା ଏହି ଟ୍ରାଫିକ ସମସ୍ୟା ଦୈନିକ ଉପୁଜୁଛି। ଖଣି କମ୍ପାନୀ ଗୁଡିକ ନିଜର ଖଣିଜ ପରିବହନ କରିବା ବେଳେ ଜିଲା ପ୍ରଶାସନର ଗାଇଡ ଲାଇନ ଅନୁଯାୟୀ ନିଜର ସୁରକ୍ଷା କର୍ମୀ ନିୟୋଜିତ କରି ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରିଥାନ୍ତି। ହେଲେ ଏହି ନିୟମକୁ ଉଲ୍ଲଂଘନ କରି ଖଣି କମ୍ପାନୀମାନେ ନିଜର ଖଣିଜ ପରିବହନ କରିବାରେ ଲାଗିଛନ୍ତି। ଯାହା ଦ୍ୱାରା ଟ୍ରାଫିକ ସମସ୍ୟା ଲାଗିରହୁଛି। ଟ୍ରାଫିକ ଜାମ୍ ଏତେ ମାତ୍ରାରେ ହୋଇ ପଡିଛି ଯେ ବାଇକ ଆରୋହୀ କିମ୍ବା ପଥଚାରୀଟିଏ ମଧ ରାସ୍ତା ଅତିକ୍ରମ କରିବା କଷ୍ଟକର ହୋଇ ପଡିଛି। ଖଣି ଅଞ୍ଚଳରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଏକ ସ୍ୱତନ୍ତ୍ର ଟ୍ରାଫିକ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା ଥିଲେ ହେଁ ଏହା ମଧ ଠିକ ଭାବେ କାର୍ଯ୍ୟ କରୁ ନ ଥିବା ଲୋକେ କହିଛନ୍ତି।



# ସମସ୍ୟାର ସମାଧାନ ଲାଗି ମିଳିତ ଉଦ୍ୟମ ଦାବି




ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ବିଭାଗୀୟ ଅଧିକାରୀ ଓ ଶ୍ରମିକ ନେତା।

## ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ଖବରଦାତା ସମ୍ମିଳନୀ

ବାଲେଶ୍ୱର ଅଫିସ,୧୬।୪

ବାଲେଶ୍ୱର ଜିଲାପରିଷଦ ସମ୍ମିଳନୀ କକ୍ଷରେ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ ସହବନ୍ଧିତ ବିଜୁ ଶ୍ରମିକ ସାମ୍ମୁଖ୍ୟ ନେସ୍କୋ ଜୋନ୍ ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟାଟା ପାୱାର ଉତ୍ତରାଞ୍ଚଳ ମୁଖ୍ୟ ଭାସ୍କର ସରକାରଙ୍କ ସମେତ ସଂଘର ମୁଖ୍ୟ ଉପଦେଷ୍ଟା ଇଂ. ରବୀନ୍ଦ୍ର କୁମାର ଜେନା, ଉପଦେଷ୍ଟା ବିଧାୟକ ସ୍ୱରୂପ ଦାସ, ସୋର ବିଧାୟକ ପର୍ଶୁରାମ ଧଡ଼ା ଏବଂ ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାରାଣ୍ଡି ଯୋଗଦେଇଥିଲେ। ବିଭାଗୀୟ ଅଧିକାରୀ ତଥା ସଂଘର ନେତାମାନେ ଉପସ୍ଥିତ ଥିବାରୁ ଶ୍ରମିକମାନଙ୍କର ସମସ୍ୟାଗୁଡ଼ିକ ମିଳିତ ସମାଧାନ କରିବା ପାଇଁ ଦାବି କରାଯାଇଥିବା ବିଜୁ ସାମ୍ମୁଖ୍ୟର ସାଧାରଣ ସମ୍ପାଦକ ତଥା ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ସଭାପତି ଓ ରାଜ୍ୟସଭା ସଦସ୍ୟ ସୁବାସ ସିଂ ପ୍ରକାଶ କରିଛନ୍ତି। ଚଳିତମାସରୁ ଟାଟା କମ୍ପାନୀ ନେସ୍କୋର ପରିଚାଳନା ଦାୟିତ୍ୱ ହାତକୁ ନେଇଛି। ଏଥିରେ ସଂଘ ତରଫରୁ ଶ୍ରମିକ କର୍ମଚାରୀଙ୍କର ମୌଳିକ ସମସ୍ୟା ବିଷୟରେ ନୂତନ ଭାବେ ପରିଚାଳନା ଦାୟିତ୍ୱ ନେଇଥିବା ଟାଟା କମ୍ପାନୀ (ଟାଟା ପାୱାର ନର୍ଥନ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଟନ୍ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇ ତାହାର ସମାଧାନ କରିବା ପାଇଁ ନିବେଦନ କରାଯାଇଥିଲା। ଦୀର୍ଘଦିନ ଧରି କମ୍ପାନୀରେ କାର୍ଯ୍ୟ କରିଆସୁଥିବା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, କମ୍ପ୍ୟୁଟର ପ୍ରଶିକ୍ଷିତ ଗ୍ରାଜୁଏଟ୍ ଏବଂ ଆଇଟିଆଇ ତାଲିମ୍‌ପ୍ରାପ୍ତ ଶ୍ରମିକମାନଙ୍କୁ କୁଶଳୀ ଶ୍ରମିକର ମାନ୍ୟତା, ୨୦୦୪ରୁ କର୍ମଚାରୀମାନଙ୍କର ପେନ୍‌ସନ୍ ଲାଗୁ କରିବା, ଚାକିରିରେ ଥାଇ ମୃତ୍ୟୁବରଣ କରୁଥିବା କର୍ମଚାରୀଙ୍କ ପରିବାରର ଜଣକୁ ପୁନଃ ଥଇଥାନ ଯୋଜନାରେ ଚାକିରି ଦେବା, ଅବସରଗ୍ରହଣ କରିବା ଦିନ କର୍ମଚାରୀଙ୍କ ଅବସରକାଳୀନ ସମସ୍ତ ପ୍ରାପ୍ୟ ପ୍ରଦାନ କରିବା ଆଦି ବିଭିନ୍ନ ଦାବି ଉପସ୍ଥାପନା କରିଥିଲେ। ଖବରଦାତା ସମ୍ମିଳନୀରେ ସଂଘର ସାଧାରଣ ସମ୍ପାଦକ ଅମର କୁମାର ପ୍ରତାପ ସିଂ, କାର୍ଯ୍ୟକାରୀ ସଭାପତି ରାଜୀବ କୁମାର ମହାନ୍ତି, ଜୋନାଲ ସେକ୍ରେଟାରୀ ହରିଶ ଚନ୍ଦ୍ର ଦାସ ଓ ସହକାରୀ ଜୋନାଲ୍ ସମ୍ପାଦକ ପ୍ରଦୀପ କୁମାର ଦାସ, ମୁଖ୍ୟ ସଙ୍ଗଠନ ସମ୍ପାଦକ ବଟକୃଷ୍ଣ ଜେନା, କୋଷାଧକ୍ଷ ସଞ୍ଜୟ କୁମାର ପ୍ରଧାନ, କାର୍ଯ୍ୟାଳୟ ସମ୍ପାଦକ ସମଜିତ ମହାନ୍ତି ଏବଂ ସଂଘର ସମସ୍ତ ଡିଭିଜନ୍ ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ।

# ସଚେତନତା କାର୍ଯ୍ୟକ୍ରମରେ କଟକଣା ଭୁଲିଗଲେ

ସାରସକଣା,୧୬।୪

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକର ବିଭିନ୍ନ ପଞ୍ଚାୟତରେ ବଳରାମ ଯୋଜନାରେ ଭୂମିହୀନ ଚାଷୀଙ୍କୁ ସଚେତନ କରାଇବା ପାଇଁ କୃଷିଭିତ୍ତିକ ପ୍ରସାର କାର୍ଯ୍ୟକ୍ରମ କରାଯାଉଛି। ଜିଲା କୃଷି ବିଭାଗ ପକ୍ଷରୁ ନୃତ୍ୟ ଏବଂ ନାଟକ ଜରିଆରେ ଚାଷୀମାନଙ୍କୁ ଏହି ଯୋଜନା ସମ୍ପର୍କରେ ଅବଗତ କରାଯାଉଛି। ତେବେ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବା ବେଳେ ଉକ୍ତ କାର୍ଯ୍ୟକ୍ରମକୁ ଲୋକେ ନାପସନ୍ଦ କରିଛନ୍ତି। ନୃତ୍ୟ ଏବଂ ନାଟକ ଦେଖିବାକୁ ଲୋକେ ଭିଡ଼ ଜମାଉଥିବାରୁ ସଂକ୍ରମଣ ବୃଦ୍ଧି ପାଇବା ଆଶଙ୍କା ସୃଷ୍ଟି ହୋଇଛି। ଗୁରୁବାର ଏହି ଭଳି କାର୍ଯ୍ୟକ୍ରମ ଚାଲିଥିବା ବେଳେ କୋଭିଡ୍ କଟକଣାକୁ ସମସ୍ତେ ଭୁଲି ଯାଇଥିଲେ। ହାତଗଣତି କିଛି ଲୋକଙ୍କ ବ୍ୟତୀତ ଅନ୍ୟ କେହି ମାସ୍କ ପରିଧାନ କରି ନ ଥିବା ଦେଖିବାକୁ ମିଳିଥିଲା। ସାରସକଣା ବ୍ଲକସ୍ଥିତ ଝାରପୋଖରିଆଠାରେ ଥିବା ବ୍ଲକ କୃଷି ଅଧିକାରୀ ତ୍ରିଲୋଚନ ସାମଲଙ୍କୁ ପଚାରିବାରୁ ଜନଗହଳି ହେଉଥିବାରୁ ନୃତ୍ୟ ଓ ନାଟକ ପରିବେଷଣ ନ କରି ଗାଁ ରାସ୍ତାରେ କେବଳ କୃଷି ରଥ ବୁଲି ଚାଷୀଙ୍କୁ ସଚେତନ କରାଯିବ ବୋଲି କହିଛନ୍ତି।

# ତଦନ୍ତ ଆରମ୍ଭ କଲେ ଅଧିକାରୀ

ଭଦ୍ରକ ଅଫିସ,୧୬।୪

ଭଦ୍ରକ ଜିଲାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଜେସିବି ଦ୍ୱାରା କାମ କରାଯାଉଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଟୁଇଟର ମାଧମରେ ଅଭିଯୋଗ ପରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ୱେବସାଇଟ୍‌ରୁ

## ଧରିତ୍ରୀ ପ୍ରଭାବ

■ମେଶିନରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ

ଉକ୍ତ କାର୍ଯ୍ୟ ସମ୍ପର୍କିତ ତଥ୍ୟ ଡିଲିଟ୍ କରି ଦିଆଯାଇଛି। ଏ ନେଇ ଖବର ଶୁକ୍ରବାର ଧରିତ୍ରୀରେ ପ୍ରକାଶ ପାଇବା ପରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦାୟିତ୍ୱରେ ଥିବା ଅମ୍ବୁଡସ୍‌ମ୍ୟାନ ଲଳିତା ସାହୁ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

ସେ ଭଦ୍ରକ ସଦର ବ୍ଲକ ରାନ୍ଦିଆ ପଞ୍ଚାୟତ ବରପଦା ଗ୍ରାମ୍ୟ ପୋଖରୀ ଖନନ ସ୍ଥାନରେ ପହଞ୍ଚି କିଭଳି ଫଳକ ଲେଖାଯାଇଥିଲା ଓ ପରେ ସେଥିରୁ ଲେଖା ଲିଭାଇ ଦିଆଗଲା, ଜେସିବିରେ ପୋଖରୀ ଖୋଳାଗଲା ସେ ସମ୍ପର୍କରେ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆର୍‌ଏସ୍ ଓ ଅଭିଯୋଗକାରୀଙ୍କୁ ଡାକି ପଚାରି ବୁଝିଥିଲେ। ଘଟଣାର ସତ୍ୟତା ଅନୁଭବ କରି ସେ ଏକ ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରିବେ ବୋଲି କହିଛନ୍ତି। ଭବିଷ୍ୟତରେ ଉକ୍ତ ପୋଖରୀର ବିଲ୍ ଯେଭଳି ନ ହେବ ସେଥିପ୍ରତି ଯତ୍ନବାନ ହେବାକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ତାଗିଦ୍ କରିଛନ୍ତି।



ଅମ୍ବୁଡସ୍‌ମ୍ୟାନ ତଦନ୍ତ କରୁଛନ୍ତି।

# ପୁରୁଣାବାନ୍ଧଗୋଡ଼ା ଘୂର୍ଣ୍ଣିବାତ୍ୟାକୁ ୪୩ ବର୍ଷ ପୂର୍ତ୍ତି

ଆନନ୍ଦପୁର, ୧୬।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘସିପୁରା ବ୍ଲକ ପୁରୁଣାବାନ୍ଧଗୋଡାର ୧୯୭୮ ମସିହା ଘୂର୍ଣ୍ଣିବାତ୍ୟା ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। ଇତିମଧରେ ଏହି ଘୂର୍ଣ୍ଣିବାତ୍ୟାକୁ ୪୩ ବର୍ଷ ପୁରିଛି। ଏହିକ୍ରମରେ ଶୁକ୍ରବାର ସମ୍ପୃକ୍ତ ଅଞ୍ଚଳରେ ଏକ ନିରାଡମ୍ବର ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ବୈକୁଣ୍ଠନାଥ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସରପଞ୍ଚ ପ୍ରଦୀପ ଧିର, ଆନନ୍ଦପୁର ବନବିଭାଗ ଏସିଏଫ ପ୍ରଫୁଲ୍ଲ ମଲ୍ଲିକ, ନୃସିଂହ ଚରଣ ଧିର, ସୁବାଷ ଚନ୍ଦ୍ର ଧିର, ପ୍ରଧାନ ଶିକ୍ଷକ ବଳଭଦ୍ର ବେହେରା, ଅଇଣ୍ଠୁ ଚରଣ ନାୟକ, ଫରେଷ୍ଟର ମଳୟ କୁମାର ସାହୁ ପ୍ରମୁଖ ଯୋଗଦେଇ ସ୍ମୃତି ସ୍ତମ୍ଭ ନିକଟରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଦୁଇ




ଘୂର୍ଣ୍ଣିବାତ୍ୟାକୁ ସ୍ମରଣ କରି ଆୟୋଜିତ ସଭାରେ ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ସହ ଅନ୍ୟମାନେ।

ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଆୟୋଜିତ ସଭାରେ ବିଧାୟକ ପାତ୍ର ପରିବେଶ ସୁରକ୍ଷା ରଖିବା ଦିଗରେ ଗଛର ଯତ୍ନ ନେବା, ବୃକ୍ଷରୋପଣ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଏପରିକି ସେଦିନର ନଣ୍ଡା ପାହାଡ ଯଦି ବୃକ୍ଷରାଶିରେ ଭରପୁର ରହିଥାନ୍ତା ଅଞ୍ଚଳବାସୀଙ୍କୁ ସେଦିନର ଭୟଙ୍କର ରୂପ ଦେଖିବାକୁ ମିଳିନଥାନ୍ତା।

ସୂଚନାଯୋଗ୍ୟ, ୧୯୭୮ ମସିହା ଏପ୍ରିଲ ୧୬ ତାରିଖ। ସ୍ମୃତିର କଳା ଫର୍ଦ୍ଦଟିଏ। ସମୟ ପାଖାପାଖି ଅପରାହ୍ନ ୪ଟା। ଘସିପୁରା ବ୍ଲକ ପୁରୁଣାବାନ୍ଧଗୋଡା ଗ୍ରାମ। ଗ୍ରାମର ଉତ୍ତର ପଶ୍ଚିମ ଦିଗରୁ ଅଚାନକ ଘୋଟି ଆସିଥିଲା କଳାବାଦଲ। ଦକ୍ଷିଣରେ ଥିବା ଧନେଇ ପାହାଡ଼ରେ ଧସି ହୋଇ ତାର ଉଗ୍ର ରୂପରେ କ୍ଷଣକ ମଧରେ ଗ୍ରାମକୁ ଘେରିବସି ବିରାଟକାୟ ଘୂର୍ଣ୍ଣିଝଡର ରୂପ ନେଇ ମାତ୍ର କେଇ ମିନିଟ ପାଇଁ ତାଣ୍ଡବ ରଚିଥିଲା। ସୃଷ୍ଟି ହୋଇଥିବା ଭୟଙ୍କର ଶବ୍ଦରେ ଯିଏ ଯେଉଁଠି ଥିଲେ ଘର ଭିତରକୁ ପଶିଗଲେ। ତଥାପି ଭୟ ପଛ ଛାଡ଼ି ନ ଥିଲା। ଉଡାଇ ନେଇଥିଲା ଚାଳ ଛପର, ଖପର, ଟାଇଲ୍। କାହାର ଡାକ ଶୁଣିବାକୁ କେହି ନ ଥିଲେ। ନିମିଷକ ମଧରେ ଖେଳ ସାରି ଝଡ ଚାଲି ଯାଇଥିଲା ତା’ ବାଟରେ। ବଞ୍ଚିଯାଇଥିବା କେଇ ଜଣ ପୁରୁଖା, ଗାଁ ଫେରନ୍ତି ଲୋକଙ୍କ ହୋ ହାଲ୍ଲାରେ ଘଟଣା ଚହଳ ସୃଷ୍ଟି କରିଥିଲା। ଝଡର ଭୟଙ୍କର ରୂପ ଏତେ ଥିଲା ଯେ, ପୋଖରୀର ପାଣି ଉଡିଯାଇଥିଲା। ତଳର ପଙ୍କ ବିଛାଡି ହୋଇପଡିଥିଲା। ପାଣିରେ ଥିବା ମାଛ ସବୁ ଏଣେତେଣେ ଛିନ୍ନଛତ୍ର ହୋଇଥିଲା। ମଣିଷ ବି ବାଦ ପଡିନଥିଲେ। କିଏ ଗଛ ଡାଳରେ ଲାଗିଥିଲା ତ, କିଏ ପାହାଡ ଉପରେ ଯାଇପଡିଥିଲା। ପ୍ରାୟ ୧୭୮ ଜଣ ଏହି ବାତ୍ୟାରେ ପ୍ରାଣ ହରାଇଥିଲେ।

## ଗୋଦାମରେ ନିଆଁ, ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ନଷ୍ଟ

ଉଦଳା,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଉଦଳା ଏନ୍ଏସି ଅଧୀନ ୩ନଂ. ୱାର୍ଡରେ ଥିବା ବ୍ୟବସାୟୀ ଦିଲ୍ଲୀପ କୁମାର କଲିଆଙ୍କ ଗୋଦାମରେ ଗୁରୁବାର ନିଆଁ ଲାଗି ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡ଼ି ଯାଇଛି। ଦିଲ୍ଲୀପ ପତଞ୍ଜଳିର ବିଭିନ୍ନ ସାମଗ୍ରୀ ଏହି ଗୋଦାମରେ ରଖିଥିବା ବେଳେ ବିଳମ୍ବିତ ରାତିରେ ନିଆଁ ଲାଗି ଯାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ସର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଥିବା ବେଳେ ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ।

### ଆଜି କ'ଣ କେଉଁଠି

ମୟୂରଭଞ୍ଜ

- ସଂଗ୍ରାମୀ ଆକୁଳାନନ୍ଦଙ୍କ ୧୨୦ତମ ଜନ୍ମ ବାର୍ଷିକୀ ଉତ୍ସବ। ସ୍ଥାନ-ଚିତ୍ରଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## କାର୍ଯ୍ୟରେ ଯୋଗଦେଲେ ଅତିରିକ୍ତ ଜିଲାପାଳ

ବାଲେଶ୍ୱର ଅଫିସ,୧୬।୪: ଓଡ଼ିଶା ପ୍ରଶାସନ ସେବାର ବରିଷ୍ଠ ଅଧିକାରୀ ନୀଲୁ ମହାପାତ୍ର ବାଲେଶ୍ୱର ଜିଲାର ନୂତନ ଅତିରିକ୍ତ ଜିଲାପାଳ ଭାବେ କାର୍ଯ୍ୟରେ



ଯୋଗଦେଇଛନ୍ତି। ବିଭାଗୀୟ କର୍ମଚାରୀ ଓ ଅଧିକାରୀମାନେ ଫୁଲତୋଡ଼ା ଦେଇ ତାଙ୍କୁ ସ୍ୱାଗତ କରିଛନ୍ତି। ଏହାପୂର୍ବରୁ ସେ ବାଲେଶ୍ୱର ସଦର ଉପଖଣ୍ଡର ଉପଜିଲାପାଳ ଏବଂ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ନିଜ ଦକ୍ଷତାର ପ୍ରମାଣ ଦେଇଛନ୍ତି। ଅତିରିକ୍ତ ଜିଲାପାଳ ଭାବେ ମଧ ସେ ଅଧିକ ଦକ୍ଷତା ଓ ସ୍ୱଚ୍ଛତାର ସହ ନିଜ ଦାୟିତ୍ୱ ତୁଲାଇବେ ବୋଲି ପ୍ରକାଶ କରିଛନ୍ତି।

## ଟ୍ରକ୍ ଧକ୍କାରେ ଶିକ୍ଷକଙ୍କ ଜୀବନଗଲା

ସୋର/ବାହାନଗା,୧୬।୪(ଡି.ଏନ.ଏ.): ବାଲେଶ୍ୱର ଜିଲା ସୋର ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥ ନାୟିକବନ୍ଧ ଠାରେ ଏକ ଟ୍ରକ୍ ଧକ୍କାରେ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଯୁଧିଷ୍ଠିର ବାରିକ। ତାଙ୍କ ଘର ସୋର ଥାନା ଅନ୍ତର୍ଗତ ବରଖୁଡି ଗ୍ରାମରେ। ସେ ଶୁକ୍ରବାର ସକାଳ ସାଢ଼େ ୭ଟା ସମୟରେ ସ୍କୁଟିରେ ବାରିକପୁର ହାଟ ଅଭିମୁଖେ ଯାଉଥିବା ବେଳେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଦ୍ୱାରା ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

## ଅନ୍‌ଲାଇନ୍ ପରୀକ୍ଷା ଦାବିରେ ବିକ୍ଷୋଭ

କେନ୍ଦୁଝର, ୧୬।୪ (ସ୍ୱ.ପ୍ର.): ସ୍ଥାନୀୟ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟରେ କରୋନା ଭୟାବହତାକୁ ଦେଖି ଅନ୍‌ଲାଇନ ପରୀକ୍ଷା କରିବା ଦାବିରେ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମହାବିଦ୍ୟାଳୟର ୪ଜଣ ଛାତ୍ର କରୋନା ଆକ୍ରାନ୍ତ ହୋଇଥିବାରୁ ଆସନ୍ତା ୨୨ ତାରିଖରୁ ହେବାକୁ ଥିବା ପରୀକ୍ଷା ଅନ୍‌ଲାଇନ୍‌ରେ କରିବା ପାଇଁ ଦାବି କରିବା ସହ ଲିଖିତ ପ୍ରତିଶ୍ରୁତି ଦାବି କରିଥିଲେ। ଅନ୍ୟପକ୍ଷରେ ଏନେଇ ଅଧକ୍ଷ ନରେନ୍ଦ୍ର ସାହୁ କହିଛନ୍ତି, ଯେ ପରୀକ୍ଷାକୁ ସରକାର ବାତିଲ କରିଛନ୍ତି। ଏହା ଜଣାଇବା ସତ୍ତ୍ୱେ ପିଲାମାନେ କାହିଁକି ଆନ୍ଦୋଳନରେ ବସିଛନ୍ତି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

## ନିର୍ମଳ ନୀର ଜଳଦାନ କାର୍ଯ୍ୟକ୍ରମ

ହାଟଡିହୀ, ୧୬।୪(ଡି.ଏନ.ଏ.): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଇଞ୍ଚୋଳ ବିକାଶ ମଞ୍ଚ ତରଫରୁ ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ନିର୍ମଳ ନୀର ଜଳଛତ୍ର କେନ୍ଦ୍ର ଆରମ୍ଭ କରାଯାଇଛି। ସ୍ଥାନୀୟ ଇଞ୍ଚୋଳ ଆମ୍ବଧାଡି କେନାଲ ପୋଲ ନିକଟରେ ଏହା ଉଦ୍‌ଘାଟିତ ହୋଇଛି। ଇଞ୍ଚୋଳ ବିକାଶ ମଞ୍ଚର ପ୍ରମୁଖ ପ୍ରଚାରକ ତଥା ଜ୍ୟୋତିର୍ବିଦ ଅନାଦି ଚରଣ ମହାରଣା ଏହାକୁ ଆନୁଷ୍ଠାନିକ ଭାବରେ ଫିତା କାଟି ଉଦଘାଟନ କରିଥିଲେ। ମୁରଲୀଧର ବେହେରା, ଶ୍ରୀକାନ୍ତ ରାଉତ, ଧନେଶ୍ୱର ରାଉତ, ବିଶ୍ୱ ପ୍ରତାପ ଯେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଜଳଛତ୍ର ଦ୍ୱାରା ମରେଇଗାଁ-ବଳିପୁର ବାରିକମିସ୍ତ୍ରୀ ବନ୍ଧ ଦେଇ ଯାତାୟାତ କରୁଥିବା ଶହ ଶହ ସାଧାରଣ ଲୋକ ଓ ଯାତ୍ରୀମାନେ ପାନୀୟ ଜଳର ସୁବିଧା ପାଇପାରିବେ ବୋଲି ଇଞ୍ଚୋଳ ବିକାଶ ମଞ୍ଚ ପକ୍ଷରୁ କୁହାଯାଇଛି।

## ସରିଲା ଚରଖ ଯାତ୍ରା

ଭଣ୍ଡାରିପୋଖରୀ, ୧୬।୪ (ଡି.ଏନ.ଏ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ନେରଡ଼ା ସ୍ଥିତ ସୁନାମୁହିଁ ପୀଠରେ ପଣା ସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିବା ଚରଖ ଯାତ୍ରା ଶୁକ୍ରବାର ଶେଷ ହୋଇଛି। ଏଥିରେ ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ପୂଜାକାର୍ଯ୍ୟ ସମାପନ ହୋଇଥିଲା। ଚରଖ ଯାତ୍ରାର ଶେଷଦିନରେ ଚରଖ ଖୁଣ୍ଟ ଉଠିଥିଲା। ମା'ଙ୍କୁ ପୂଜାର୍ଚ୍ଚନା କରାଯାଇ କାଳିଶୀ ରୂପରେ ଦୋଳି ଖେଳା ଯାଇଥିଲା। ଏହାପରେ ପାଟୁଆ, ଦେହୁରୀ ଓ ଜନସାଧାରଣ ଦୋଳି ଖେଳିଥିଲେ।

# କରୋନା ମୁକାବିଲା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ

କେନ୍ଦୁଝର, ୧୬।୪(ଡି.ଏନ୍.ଏ//ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ କରୋନା ୨ୟ ଲହର ସଂକ୍ରମଣ ଉପରମୁହାଁ ହୋଇ ଗତି କରୁଛି। ଏପରିସ୍ଥଳରେ ରାଜ୍ୟ ସରକାର ନାଇଟ କର୍ଫ୍ୟୁ ଜାରି କରିଛନ୍ତି। ସଂକ୍ରମଣ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଶୁକ୍ରବାର ଅପରାହ୍ନରେ ଦରବାର ହଲଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ ଅଧକ୍ଷତା କରିଥିବାବେଳେ ସିଡିଏମ୍‌ଓ ଡାକ୍ତର ଅଶୋକ କୁମାର ଦାଶ, ଡିପିଏମ୍ ଦିଲ୍ଲୀପ କୁମାର ଦୁବେ, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସଞ୍ଜୀବ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଜିଲାର କରୋନା ସ୍ଥିତିକୁ ନେଇ ଜାରି ହୋଇଥିବା ଗାଇଡଲାଇନ୍ ଏବଂ କରୋନା ମୁକାବିଲାର ବ୍ୟବସ୍ଥା, ଟିକାକରଣ ବାବଦରେ ସୂଚନା ଦିଆଯାଇଥିବାବେଳେ କେନ୍ଦୁଝର ଜିଲାରେ ଥିବା ହୋଟେଲ, ଲଜ୍ ଏବଂ ଗେଷ୍ଟ ହାଉସରେ ରହିବାକୁ ଆସୁଥିବା ଯାତ୍ରୀଙ୍କ ପାଇଁ ଆର୍‌ଟିପିସିଆର୍ ରିପୋର୍ଟ ବାଧ୍ୟତାମୂଳକ କରାଯାଇଛି। ଜିଲାରେ ସମସ୍ତ ହଷ୍ଟେଲକୁ ତୁରନ୍ତ ଖାଲି କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। କଲେଜ ଛାତ୍ରୀଛାତ୍ରଙ୍କ ପାଠପଢ଼ାକୁ ଠିକ୍ ସମୟରେ ସାରିବା ପାଇଁ ଅନଲାଇନ ମୋଡରେ କ୍ଲାସ କରାଯିବାକୁ କୁହାଯାଇଛି। ଇତିମଧ୍ୟରେ କେନ୍ଦୁଝର ଜିଲାରେ ଆର୍‌ଟିପିସିଆର୍ ଏବଂ ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ ଚାଲୁ ରହିଥିବାବେଳେ ଜିଲାର ୩୭ଟି କେନ୍ଦ୍ରରେ ୧ଲକ୍ଷ ୭୪ହଜାର ୧୪୬ ଜଣଙ୍କୁ କୋଭିଡ-୧୯ ଟିକାକରଣ କରାଯାଇ ସାରିଥିବା ସୂଚନା ଦିଆଯାଇଛି। ମାସ୍କ ପରିଧାନ, ବିନା ଜରୁରୀ କାମରେ ଗହଳି ସ୍ଥାନକୁ ନ ଯିବା, ନିୟମିତ ବ୍ୟବଧାନରେ ସାବୁନରେ ହାତ ଧୋଇବା ଉପରେ ପ୍ରଶାସନ ଗୁରୁତ୍ୱାରୋପ କରିଛି। ତେବେ କରୋନା କଟକଣାକୁ ନେଇ କେନ୍ଦୁଝର ଜିଲାରେ ସ୍ୱତନ୍ତ୍ର ଏସ୍‌ଓପି ଜାରି କରାଯାଇଛି। ଆସନ୍ତା ୧୯ ତାରିଖଠାରୁ ଜିଲାର ସମସ୍ତ ସ୍କୁଲ, କଲେଜ, ହଷ୍ଟେଲ, ଟେକ୍ନିକାଲ ପ୍ରଫେସନାଲ ଶିକ୍ଷାନୁଷ୍ଠାନ ଏବଂ ହଷ୍ଟେଲକୁ ବନ୍ଦ କରାଯାଇଛି। ଜିଲାର ସମସ୍ତ ଶିକ୍ଷାନୁଷ୍ଠାନରେ ଅଫଲାଇନ କ୍ଲାସ ଓ ପରୀକ୍ଷା ସ୍ଥଗିତ ରଖାଯାଇଛି।

## କୋଭିଡ୍ ସ୍ଥିତି ସମୀକ୍ଷା କଲେ ବିଧାୟକ



ବିଧାୟକ ସ୍ୱରୂପ କୁମାର ଦାସ କୋଭିଡ୍ ସେଣ୍ଟର ପରିଦର୍ଶନ କରୁଛନ୍ତି।

ବାଲେଶ୍ୱର ଅଫିସ,୧୬।୪

ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଶୁକ୍ରବାର ଅପରାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି କୋଭିଡ୍ ସ୍ଥିତି ସମୀକ୍ଷା କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ପୁନଃ କାର୍ଯ୍ୟକ୍ଷମ କୋଭିଡ୍ ସେଣ୍ଟରରେ ରୋଗୀଙ୍କ ଉତ୍ତମ ଚିକିତ୍ସା ପାଇଁ କରାଯାଇଥିବା ବ୍ୟାପକ ବ୍ୟବସ୍ଥାର ତଦାରଖ କରିଥିଲେ। ସେହିପରି ସମସ୍ତ ୱାର୍ଡ଼ ଓ ଆଇସିୟୁ ସେଣ୍ଟର ସେ ବୁଲି ଦେଖିଥିଲେ। ଏଥିସହ ଅଧିକ ସଂଖ୍ୟାରେ ଅକ୍ସିଜେନ ସିଲିଣ୍ଡର ମହଜୁଦ ରଖିବା ପାଇଁ ପରାମର୍ଶ ଦେଇଥିଲେ। ବହୁଗୁଣ ଗ୍ୟାସ୍ ରୁମ୍‌ରୁ ହସ୍ପିଟାଲର ପ୍ରତିକୋଣ ଅନୁକୋଣକୁ କରାଯାଇଥିବା ପାଇପ୍ ଲାଇନ ସଂଯୋଗୀକରଣ, ଟେଷ୍ଟିଂ ଏବଂ ଟିକାକରଣ ବାବଦରେ ଉପସ୍ଥିତ ହସ୍ପିଟାଲ ସୁପରିଟେଣ୍ଡେଣ୍ଟ ଡା. ସୁଜାତା ମିଶ୍ର, ହସ୍ପିଟାଲ ମ୍ୟାନେଜର ଡା. ସଚ୍ଚିଦାନନ୍ଦ ପାଢ଼ୀ ଓ ଡା. ଦୀପକ ନାୟକ, ହସ୍ପିଟାଲ ପ୍ରଶାସନିକ ଅଧିକାରୀ ଡା. ଜୟନ୍ତୀ ସିଂଙ୍କ ସହ ବିଧାୟକ ଦାସ ଆଲୋଚନା କରିଥିଲେ।

# ଥାନା ଘେରିଲେ ଲୋକେ



ଥାନା ଘେରାଉ କରିଥିବା ରେଙ୍ଗାଲବେଡ଼ା ଗ୍ରାମବାସୀ।

### ତାଳବନ୍ଧ ରେଞ୍ଜରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ବାଙ୍ଗିରିପୋଷି,୧୬।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ତାଳବନ୍ଧ ରେଞ୍ଜର ମଧୁସ୍ମିତା ଦାସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ବ୍ରାହ୍ମଣଗାଁ ପଞ୍ଚାୟତ ଅନ୍ତର୍ଗତ ରେଙ୍ଗାଲବେଡ଼ା ଗ୍ରାମବାସୀ ଶୁକ୍ରବାର ବାଙ୍ଗିରିପୋଷି ଥାନା ଘେରାଉ କରିଥିଲେ। ଗ୍ରାମବାସୀ ୩ ଘଣ୍ଟା ଧରି ଥାନା ଘେରାଉ ଓ ବିକ୍ଷୋଭ ପ୍ରଦର୍ଶନ କରି ବେଆଇନ କାର୍ଯ୍ୟରେ ଲିପ୍ତ ଥିବା ରେଞ୍ଜରଙ୍କୁ ଚାକିରିରୁ ବହିଷ୍କାର ସହ ଗିରଫ କରିବା ସମ୍ପର୍କୀତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଖବର ପାଇ ସଦର ଏସ୍‌ଡିପିଓ କେ.କେ ହରିପ୍ରସାଦ ଏବଂ ଝାରପୋଖରିଆ ଥାନା ଅଧିକାରୀ ସୁଦର୍ଶନ ଗାଙ୍ଗୋଇ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ବନ ବିଭାଗ ପକ୍ଷରୁ ରେଞ୍ଜରଙ୍କ ବିରୋଧରେ କୌଣସୀ ତଦନ୍ତ ରିପୋର୍ଟ ଦାଖଲ କରାଯାଇ ନ ଥିବାରୁ ତଦନ୍ତ କାର୍ଯ୍ୟରେ ପୋଲିସ ଆଗେଇ ପାରୁନାହୁଁ ବୋଲି ଏସ୍‌ଡିପିଓ ପ୍ରକାଶ କରିଥିଲେ। ଏଆଇଜେଏଏସସିର ରାଜ୍ୟ ସଦସ୍ୟ ପୀତାମ୍ବର ନାଏକ, ଜିଲା ମୁଖ୍ୟ ପ୍ରକାଶ ମଢ଼େଇ ଏବଂ ବ୍ରାହ୍ମଣଗାଁ ସମିତି ସଭ୍ୟ କାଳିଦାସ ଟୁଡୁଙ୍କ ନେତୃତ୍ୱରେ ଶତାଧିକ ମହିଳା ପୁରୁଷ ସ୍ଥାନୀୟ ବଜାରରୁ ଏକ ରାଲିରେ ବାହାରି ଥାନା ପରିସରରେ ଏକତ୍ରୀତ ହୋଇଥିଲେ।

## ଅଗ୍ନିଶମ ବିଭାଗର ମକ୍‌ଡ୍ରିଲ୍

ବାରିପଦା ଅଫିସ,୧୬।୪

ଶହୀଦ ଅଗ୍ନିଶମ କର୍ମଚାରୀମାନଙ୍କ ଉଦ୍ଦେଶ୍ୟରେ ଅଗ୍ନି ସେବା ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ ୭ଦିନ ଧରି ସହରର ହୋଟେଲ, ଘରୋଇ ଡାକ୍ତରଖାନା, ବ୍ୟବସାୟିକ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଅଗ୍ନିକାଣ୍ଡ ଓ ନିର୍ବାପନ ସମ୍ପର୍କୀୟ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିଛି । ଗୁରୁବାର ଏକ ହୋଟେଲର କର୍ମଚାରୀମାନଙ୍କୁ ନେଇ ଏ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲା ଅଗ୍ନିଶମ ଅଧିକାରୀ ପ୍ରକାଶ ଚନ୍ଦ୍ର ଜେନା ଉପସ୍ଥିତ ରହି ଅଗ୍ନିକାଣ୍ଡ ଓ ତାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟୁତ୍, ଏଲ୍‌ପିଜି ଗ୍ୟାସ ଓ ଆକସ୍ମିକ ଅଗ୍ନିକାଣ୍ଡର କିପରି ମୁକାବିଲା କରାଯାଇପାରିବ ସେ ସମ୍ପର୍କରେ ମକ୍‌ଡ୍ରିଲ ମାଧ୍ୟମରେ ଦର୍ଶାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହାବିଲଦାର ଅଶୋକ କୁମାର ବେହେରା, ଫାୟାର ମ୍ୟାନ ତପନ କୁମାର ପାତ୍ର ଓ ଲିପୁନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଜଳେଶ୍ୱର ହାଇସ୍କୁଲ ଆଲୁମିନିକୁ ମୁଖ୍ୟମନ୍ତ୍ରୀଙ୍କ ସାଧୁବାଦ

ଜଳେଶ୍ୱର, ୧୬।୪ (ଡି.ଏନ୍.ଏ.)

ସ୍କୁଲ ପରିସରରେ ସୁସ୍ଥ ବାତାବରଣ ସୃଷ୍ଟି ଓ ପୁରାତନ ଛାତ୍ରୀଛାତ୍ରଙ୍କୁ ସଂଶ୍ଲିଷ୍ଟ କରି ଉନ୍ନତମାନର ଶିକ୍ଷଣ ବ୍ୟବସ୍ଥା ଲାଗି କାର୍ଯ୍ୟକାରୀ ହେଉଛି ମୋ ସ୍କୁଲ ଅଭିଯାନ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ୍‌ରେ ବାଲେଶ୍ୱର ଜିଲା ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ଆଲୁମିନି ସଦସ୍ୟଙ୍କୁ ସାଧୁବାଦ ଜଣାଇଛନ୍ତି। ଗୁରୁବାର ଆୟୋଜିତ ଉତ୍ସବରେ ପ୍ରଧାନ ଶିକ୍ଷକ କୁଞ୍ଜବିହାର ପ୍ରଧାନ, ଆଲୁମିନି ସଦସ୍ୟ ଡ. ଈଶ୍ୱର ଚନ୍ଦ୍ର ଜେନା, ଜୟନ୍ତ ଦେ, ଅଶୋକ ଦାସ, ପ୍ରଶାନ୍ତ ଦେ, ବିରଞ୍ଚି ନାରାୟଣ ଭୂୟାଁ, ରବୀନ୍ଦ୍ର ସେନପତି, ସୁକାନ୍ତ ଦେ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ବିଇଓ ବିରଞ୍ଜନ ଦାସମହାପାତ୍ର, ଏବିଇଓ ଅଜୟ ଜେନା, ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଜେନା, ହରେକୃଷ୍ଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଅନ୍‌ଲାଇନ୍‌ରେ ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କ ଦାବି

ବାଲେଶ୍ୱର ଅଫିସ,୧୬।୪

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ କଲେଜର ଯୁକ୍ତ ୩ ଦ୍ୱିତୀୟବର୍ଷ ତଥା ତୃତୀୟ ସେମିଷ୍ଟାର ପରୀକ୍ଷା ଅନ୍‌ଲାଇନ୍‌ରେ କରିବା ପାଇଁ ଦାବି ହୋଇଛି। ଶୁକ୍ରବାର ବିଭିନ୍ନ କଲେଜର ଛାତ୍ରୀଛାତ୍ର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଫିସ୍ ସମ୍ମୁଖରେ ଆନ୍ଦୋଳନ କରିଥିଲେ। କରୋନା ଯୋଗୁ ଏହି ପରୀକ୍ଷା ଅନ୍‌ଲାଇନ୍‌ରେ ହେଉ ବୋଲି ସେମାନେ ଦାବି ଉପସ୍ଥାପନ କରିଥିଲେ। ଫକୀରମୋହନ କଲେଜ, ନୀଳକଣ୍ଠେଶ୍ୱର, ବଳାଙ୍ଗୀ, କେକେଏସ୍, ମହିଳା, ରେମୁଣା, ମିତ୍ରପୁର, ନୀଳଗିରି, ସୋର ଏବଂ ଏବିଏ କଲେଜର ଶତାଧିକ ଛାତ୍ରୀଛାତ୍ର ଆନ୍ଦୋଳନରେ ସାମିଲ ଥିଲେ। ହରିଶ୍ଚନ୍ଦ୍ର ବେହେରା, ଯୋଗେନ୍ଦ୍ର ମାଇତି, ମୋନାଲିସା ମହାନ୍ତି, ମାନିକ ଲାଲ ଭୂୟାଁ ଓ ବୈଶାଖୀ ମହାନ୍ତି ନେତୃତ୍ୱ ନେଇଥିଲେ।

# ମାସ୍କ, ସାନିଟାଇଜର ବାଣ୍ଟି ସଚେତନତା

ବାଲେଶ୍ୱର ଅଫିସ,୧୬।୪

ବାଲେଶ୍ୱର ସହର ଫାଣ୍ଡି ଛକଠାରେ ଫ୍ୟୁଚର ବାଲେଶ୍ୱର ସଙ୍ଗଠନ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ମହାମାରୀ କରୋନା ନେଇ ଜନସାଧାରଣଙ୍କୁ ସଚେତନ କରାଯାଇଛି। ମାସ୍କ ପିନ୍ଧିବା, ସାମାଜିକ ଦୂରତା ବଜାୟ ରଖିବା ଏବଂ ସାନିଟାଇଜର ବ୍ୟବହାର କରି ସୁସ୍ଥ ରହିବା ପାଇଁ ଲୋକଙ୍କୁ ସଚେତନତା ବାର୍ତ୍ତା ଦିଆଯାଇଥିଲା। ସଙ୍ଗଠନ ପକ୍ଷରୁ ଜନସାଧାରଣଙ୍କୁ ମାସ୍କ ଓ ସାନିଟାଇଜର ମଧ ବଣ୍ଟନ କରାଯାଇଥିଲା। ଆଗାମୀ ଦିନରେ ସଙ୍ଗଠନ ପକ୍ଷରୁ ଜିଲାର ବିଭିନ୍ନ ଅଞ୍ଚଳରେ ମାସ୍କ ବଣ୍ଟନ ସହ ସଚେତନତା କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ସଭାପତି ବିଜୟ ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ସାଧାରଣ ସମ୍ପାଦକ ଦୁକୁଲ ଚନ୍ଦ୍ର ଘରାଇ, କାର୍ଯ୍ୟକାରୀ ସଭାପତି ଭବାନୀ ଶଙ୍କର ପଣ୍ଡା, ଉପସଭାପତି ସତ୍ୟେନ୍ଦ୍ର କୁମାର ଦାସ, ଯୁଗ୍ମ ସମ୍ପାଦକ ସବିତା ମହାନ୍ତି, କୋଷାଧ୍ୟକ୍ଷ ସୁଶାନ୍ତ ଦାସ, ଭଜେନ୍ଦ୍ର ଆଚାର୍ଯ୍ୟ, ରାଜେନ୍ଦ୍ର ମହାନ୍ତି, ସଂଯୁକ୍ତା ରଣା, ରଣଜିତ୍ ବର୍ଦ୍ଧନ, ରବିନ୍ଦ୍ର ମାନ୍ନା, ଶ୍ରୀହରି ଗିରି, ବିଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଜନସାଧାରଣଙ୍କୁ ମାସ୍କ ବଣ୍ଟନ କରାଯାଉଛି।

## 'ସମାଜ ହିତରେ ସାହିତ୍ୟ ସୃଷ୍ଟି ହେବା ଆବଶ୍ୟକ'

ବାସୁଦେବପୁର,୧୬।୪(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ରାଧାକୃଷ୍ଣ ମନ୍ଦିର ଯାଦବ ପଡ଼ିଆ ପ୍ରାଙ୍ଗଣରେ ଅବସର ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ବିଷୁବ ମିଳନ କାର୍ଯ୍ୟକ୍ରମ ସହ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଅନୁବାଦକ ଅଭିମନ୍ୟୁ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ସନାତନ ନାୟକ ସାହିତ୍ୟ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ ବୋଲି ମତ ରଖି ସମାଜ ହିତରେ ସାହିତ୍ୟ ସୃଷ୍ଟି ହେବା ଦରକାର ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବାସୁଦେବପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବେହେରା ଏବଂ ଅନ୍ୟତମ ଅତିଥି ଭାବେ ଏବି ହାଇସ୍କୁଲ ପ୍ରଧାନ ଶିକ୍ଷକ ଯାମିନୀକାନ୍ତ ପାଢ଼ୀ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ରତ୍ନାକର ବାରିକ ମଞ୍ଚ ସଂଯୋଜନା କରିଥିଲେ। ଅବସର ସମ୍ପାଦକ ବନମାଳି ବାରିକ ସ୍ୱାଗତ ବକ୍ତବ୍ୟ ରଖିଥିଲେ। କବୀନ୍ଦ୍ର ଶେଖର ଫକୀର ରଞ୍ଜନ ଦାସ, ଅଧ୍ୟକ୍ଷ ଭାଗୀରଥି ପଲେଇ, ଶରତ ଓଝା, ସୁବାସ ଚନ୍ଦ୍ର ବେହେରା, ପ୍ରତାପ ଡାଙ୍ଗୁଆ, କବି ରତ୍ନାକର ପଣ୍ଡା ପ୍ରମୁଖ କବିତା ପାଠ କରିଥିଲେ।

# ଗରା ବାଲ୍‌ଟି ଧରି ରାସ୍ତା ଅବରୋଧ କଲେ ମହିଳା



ପାଣି ପାଇଁ ରାସ୍ତା ଅବରୋଧ କରିଥିବା ମହିଳାମାନେ।

### ୮୦ ପରିବାର ପାନୀୟଜଳରୁ ବଞ୍ଚିତ

ଉଦଳା,୧୬।୪(ଡି.ଏନ.ଏ.)

ଜଳକଷ୍ଟ ସମସ୍ୟାକୁ ନେଇ ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଅଧୀନ ଶାଳମୁଣ୍ଡଳି ଗ୍ରାମର ଶତାଧିକ ମହିଳା ଗରା ବାଲ୍‌ଟି ଧରି ରାସ୍ତାକୁ ଓହ୍ଲାଇଛନ୍ତି। ଏହି ଗ୍ରାମର ୮୦ରୁ ଅଧିକ ପରିବାର ଶୁଦ୍ଧ ପାନୀୟ ଜଳ ମୁନ୍ଦାଏ ପାଇଁ ଡହଳବିକଳ ହେଉଛନ୍ତି। ଗ୍ରାମରେ ୩ଟି ନଳକୂପ ଖନନ ହୋଇଥିଲେ ସୁଦ୍ଧା ସେଗୁଡ଼ିକ ଅଚଳ ହୋଇ ପଡ଼ିଛି। ଯାହାଫଳରେ ଲୋକେ ଗ୍ରାମରେ ଥିବା ଏକ ପାଣିଟାଙ୍କି ଉପରେ ନିର୍ଭର କରିଥାନ୍ତି। ପାଣିଟାଙ୍କି ମୋଟର ଏବଂ ଯନ୍ତ୍ରାଂଶକୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିବାରୁ ୩ ଦିନ ହେବ ଗ୍ରାମବାସୀ ପାଣି ବୁନ୍ଦାଏ ପାଇପାରୁନାହାନ୍ତି। ଏନେଇ ଗ୍ରାମବାସୀ ବାରମ୍ବାର ସ୍ଥାନୀୟ ସରପଞ୍ଚ ଏବଂ ବିଡିଓଙ୍କୁ ଅବଗତ କରାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରି ନାହିଁ। ଏହାର ପ୍ରତିବାଦରେ ଶତାଧିକ ମହିଳା ହାତରେ ଗରା ବାଲ୍‌ଟି ଧରି ଉଦଳା-ଶାଳମୁଣ୍ଡଳି-କୁଣ୍ଡାବାଇ ରାସ୍ତା ଅବରୋଧ କରିଥିଲେ। ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ହୋଇଥିଲେ ମଧ ଘଟଣାସ୍ଥଳରେ କୌଣସି ସରକାରୀ ଅଧିକାରୀ ପହଞ୍ଚି ନ ଥିଲେ। ଖବରପାଇ ୧ନଂ. ଜୋନ ଜିଲା ପରିଷଦ ସଦସ୍ୟ ଚକ୍ରଧର ସିଂ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ମହିଳାଙ୍କୁ ବୁଝାସୁଝା କରିବା ସହିତ ଘଟଣା ବାବଦରେ ବିଡିଓ ଏବଂ ଆରଡବ୍ଲ୍ୟୁଏସ୍ଏସର ଅଧିକାରୀଙ୍କୁ ଜଣାଇଥିଲେ। ପରେ ଗ୍ରାମ ନିକଟରେ ଏକ ନଳକୂପ ବସାଯିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା ।

## ବୃଦ୍ଧାଶ୍ରମ ମାଲିକାନାକୁ ନେଇ ଟଣାଓଟରା

ବାଲେଶ୍ୱର ଅଫିସ,୧୬।୪

ବାଲେଶ୍ୱର ଶେରଗଡ଼ ନିକଟସ୍ଥ ଦିବ୍ୟମନ୍ଦିର ବୃଦ୍ଧାଶ୍ରମରେ ମାଲିକାନାକୁ ନେଇ କିଛିଦିନ ହେଲା ଟଣାଓଟରା ଲାଗି ରହିଛି। ଜନୈକ ବ୍ୟକ୍ତି ଏହି ବୃଦ୍ଧାଶ୍ରମ ମାଲିକାନା ନିଜ କବ୍‌ଜାକୁ ନେବା ପାଇଁ ଚକ୍ରାନ୍ତ କରୁଥିବା ସମ୍ପର୍କରେ ନେସନସ୍ ପ୍ରାଇଡ୍‌ର ସଭାପତି ଲକ୍ଷ୍ମଣ କୁମାର ବିଶ୍ୱାଳ ଓ ସମ୍ପାଦକ ସନ୍ତୋଷ ନାୟକ ଶୁକ୍ରବାର ରାଜାବଗିଚା ସ୍ଥିତ ମହାଦେବ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ ୨୦୧୫ରୁ ବହୁ ବାଧାବିଘ୍ନରେ ନେସନ୍‌ସ ପ୍ରାଇଡ୍ ସଂସ୍ଥାର କର୍ମକର୍ତ୍ତାମାନେ ଦିବ୍ୟମନ୍ଦିର ନାମରେ ଏକ ବୃଦ୍ଧାଶ୍ରମ ଆରମ୍ଭ କରିଥିଲେ। ୨୦୧୯ ନଭେମ୍ବର ୩ରେ ଏହା ଉଦ୍‌ଘାଟନ ପରେ କେତେଜଣ ଅସହାୟ, ନିର୍ଯାତିତ ବୃଦ୍ଧାବୃଦ୍ଧଙ୍କୁ ସେଠାରେ ଥଇଥାନ କରାଇଥିଲେ। ମାତ୍ର ଉଦ୍‌ଘାଟନୀ ସମୟରେ ଜଣେ ବ୍ୟକ୍ତି ନୂତନ ସଦସ୍ୟ ଭାବେ ଯୋଗଦେଇଥିଲେ। ମନ୍ଦ ଉଦ୍ଦେଶ୍ୟ ରଖି ସେ ଅନୁଷ୍ଠାନର ମହିଳା ସଦସ୍ୟାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା, କୋଷାଧ୍ୟକ୍ଷଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିବା, ଆଶ୍ରମର ସଦସ୍ୟ ପଦରୁ ବହିଷ୍କାର ହୋଇଥିବା ସତ୍ତ୍ୱେ ଆଶ୍ରମକୁ ଜୋର ଜବରଦସ୍ତ ଆସିବା ଓ ବୃଦ୍ଧାଶ୍ରମ ମାଲିକାନା ନିଜ କବ୍‌ଜାକୁ ନେବା ପାଇଁ ଚକ୍ରାନ୍ତ କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ଖବରଦାତା ସମ୍ମିଳନୀରେ ସୁମିତା ପଣ୍ଡା, ଶାନ୍ତିଲତା ଚାତାର, ସବିତାମଣି ମହାନ୍ତି, ଲକ୍ଷ୍ମଣ ବିଶ୍ୱାଳ, ଦିନେଶ ଚନ୍ଦ୍ର ବିଶୋଇ, ପ୍ରଭାତ ରଞ୍ଜନ ପ୍ରଧାନ, ରବୀନ୍ଦ୍ରନାଥ ସ ପ୍ରମୁଖ ଉପସ୍ଥିତ ଥିଲେ।

# ରୋଜଗାର ବାଟ ଦେଖାଇଛି ପିଜୁଳିଚାଷ

ଦୀପକ କୁମାର ବେହେରା
ଚିତ୍ରଡ଼ା,୧୬।୪

ଦିନେ ଯେଉଁଠି ଦୁବ କଅଁଳୁ ନ ଥିଲା ଏବେ ସେହି ଚାଷ ଜମି ହସୁଛି। ବିସ୍ତୀର୍ଣ୍ଣ ପଡ଼ିଆ ଜମିରେ ପିଜୁଳି ଚାଷ କରି ଉଦାହରଣ ସାଜିଛନ୍ତି ୪୦ ଚାଷୀ। ପ୍ରାୟ ୫୦ ଏକର ଡାହି ପଡ଼ିଆ ଜମିରେ ଉନ୍ନତମାନର ପିଜୁଳି ଚାଷ କରି ସେମାନେ ବେଶ ଦୁଇ ପଇସା ରୋଜଗାର କରିପାରିବା ସହିତ ବହୁ ଶ୍ରମିକଙ୍କୁ ରୋଜଗାର କ୍ଷମ କରାଇ ପାରିଛନ୍ତି। ଏଭଳି ଚାଷ ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅନ୍ତର୍ଗତ ପାଟପୁର ଗ୍ରାମରେ।

୨୦୧୫ରେ ୪୦ ଚାଷୀ ମିଳିତ ବୈଠକ କରି ପିଜୁଳି ଚାଷ କରିବା ପାଇଁ ସରକାରଙ୍କ ହର୍ଟିକଲଚର ବିଭାଗର ସହାୟତା ଲୋଡ଼ିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଏହି ଚାଷୀମାନଙ୍କୁ ସରକାର ଯୋଗାଇ ଦେଇଥିଲେ ସବୁକିଛି ସୁବିଧା। ସେମାନେ ନିଜ ଜାଗାରେ ପିଜୁଳି ଗଛ ଲଗାଇ ଦୀର୍ଘ ୩ ବର୍ଷ ଅକ୍ଳାନ୍ତ ପରିଶ୍ରମ କରି ଟାଙ୍ଗରା ଭୂଇଁରେ ଫଳାଇ ପାରିଛନ୍ତି ଉନ୍ନତମାନର ଭିଏନ୍‌ଆର ଜାତୀୟ ପିଜୁଳି। ଯେଉଁ ପିଜୁଳିକୁ ଦିନେ ଖାଇବା ପାଇଁ ଲୋକେ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରିଆସୁଥିଲେ ଏବେ ସେହି ପିଜୁଳି ଟନଟନ ଉତ୍ପାଦନ କରି ରାଜ୍ୟ ତଥା ରାଜ୍ୟ ବାହରକୁ ବିକ୍ରି ପାଇଁ ପଠାଇ ଖୁବ ଲାଭବାନ ହେଉଛନ୍ତି ଚାଷୀମାନେ। ୫୦ ଏକର ଜାଗାରେ ଲାଗିଛି ୫ହଜାରରୁ ଊର୍ଦ୍ଧ୍ୱ ଭିଏନ୍‌ଆର ଜାତିର ପିଜୁଳି ଗଛ। ଯେଉଁ ଗଛ ପଡ଼ୋଶୀ ରାଜ୍ୟ ଛତିଶଗଡ଼ର ରାୟପୁରରୁ ଆଣି ଲଗାଇଥିଲେ ପ୍ରତାପ ମହାନ୍ତ ଓ ଅନ୍ୟ ଚାଷୀମାନେ। ଏବେ ପ୍ରତି ବର୍ଷ ୧୦୦ ଟନ୍ ପିଜୁଳି ଉତ୍ପାଦନ ହେଉଛି। ପିଜୁଳି ଗଛର ରକ୍ଷଣାବେକ୍ଷଣ ଦାୟିତ୍ୱ ବହନ କରିଛନ୍ତି ଚାଷୀ ଜୟ ପ୍ରକାଶ ରାଉଳ। ପ୍ରତ୍ୟେକ ଦିନ ଗଛର ଯତ୍ନ ନେବା ପାଇଁ ୨୦ଜଣ ଶ୍ରମିକଙ୍କୁ କାମରେ ଲଗା ଯାଉଛି। ଦୈନିକ ୨୫୦ଟଙ୍କା ମଜୁରୀ ପାଇ ପରିବାର ଚଳାଉଥିବା କହିଛନ୍ତି ଶ୍ରମିକ ପ୍ରଦୀପ ଦାସ। ବଜାରରେ କିଲୋପ୍ରତି ୮୦ଟଙ୍କା ଦରରେ ପିଜୁଳି ବିକ୍ରି କରି ଖୁବ୍ ଲାଭବାନ ହେଉଛନ୍ତି ଏହି ଚାଷୀମାନେ। ତେବେ ସରକାରଙ୍କ ପକ୍ଷରୁ ଅଧିକ ସହାୟତା ମିଳିଲେ ସେମାନେ ପିଜୁଳି ଉତ୍ପାଦନ ବଢ଼ାଇବା ସହ ସମଗ୍ର ରାଜ୍ୟ ବାସୀଙ୍କ ଚାହିଦା ମେଣ୍ଟାଇ ପାରନ୍ତେ ବୋଲି ଚାଷୀମାନେ କହିଛନ୍ତି।



ଚାଷୀମାନେ ପିଜୁଳି ତୋଳି ବିକ୍ରି ପାଇଁ ସଜାଇ ରଖୁଛନ୍ତି।

